
# ଜିଆ ଚାଷ ଓ ଖତ ପ୍ରସ୍ତୁତି



ବିଷୟବସ୍ତୁ:
ଅନୁଜ କୁମାର ରାୟ
ବୈଜ୍ଞାନିକ (ଉଭିଦ ବିଜ୍ଞାନ)

ସଂପାଦନା:
ଡ. ସମୀର ରଞ୍ଜନ ଦାଶ
ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ

କୃଷି ବିଜ୍ଞାନ କେନ୍ଦ୍ର, ଝାରସୁଗୁଡ଼ା
KRISHI VIGYAN KENDRA, JHARSUGUDA
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ
ORISSA UNIVERSITY OF AGRICULTURE & TECHNOLOGY

# ଜିଆ ଚାଷ ଓ ଖତ ପ୍ରସ୍ତୁତି

**ବିଷୟବସ୍ତୁ:**

**ଅନୁଜ କୁମାର ରାୟ**

ବୈଜ୍ଞାନିକ (ଉଦ୍ଭିଦ ବିଜ୍ଞାନ)

**ସଂପାଦନା:**

**ଡ. ସମୀର ରଞ୍ଜନ ଦାଶ**

ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ

କୃଷିବିଜ୍ଞାନ କେନ୍ଦ୍ର, ଝାରସୁଗୁଡ଼ା

***ପ୍ରକାଶକ :***

କୃଷିବିଜ୍ଞାନ କେନ୍ଦ୍ର, ଝାରସୁଗୁଡ଼ା

***ପ୍ରଥମ ପ୍ରକାଶ :***

ମାର୍ଚ୍ଚ, ୨୦୨୩

***ମୁଦ୍ରଣ :***

**ଅଙ୍କିତା ଗ୍ରାଫିକ୍ସ,** ଭୁବନେଶ୍ୱର,

ଫୋନ୍ ୯୪୩୭୦୭୭୩୩୭

**By**

**Dr. Anuj Kumar Rai**

Scientist (Plant Sc.)

KVK, Jharsuguda

**Editor** :

**Dr. Samir Ranjan Dash**

Sr. Scientist and Head

KVK, Jharsuguda

**Published by** :

Krishi Vigyan Kendra,

Jharsuguda

**First Edition**

March, 2023

**Printed by :**

Ankita Graphics, Bhubaneswar.

saroj77337@gmail.com

Ph : 9437077337



# ଜିଆ ଚାଷ ଓ ଜିଆ ଖତ ପ୍ରସ୍ତୁତି

ଜିଆ କୃଷକର ବନ୍ଧୁରୂପେ ବହୁ ପୁରାକାଳରୁ ରହିଅଛି। ରାସାୟନିକ ସାର ଉଦ୍ଭାବନର ବହୁ ପୂର୍ବରୁ କେବଳ ଖତ ବ୍ୟବହାର କରି ଫସଲ ଉତ୍ପାଦନ କରାଯାଉଥିବା ବେଳେ ଜିଆ ମାଟିର ଉର୍ବରତା ରକ୍ଷା କରୁଥିଲେ। ଫସଲର ଅମଳ ବଢ଼ାଇବା ପାଇଁ ଯେତେବେଳେ ରାସାୟନିକ ସାର ଓ ଔଷଧର ବହୁଳ ବ୍ୟବହାର କରା ହେଲା ସେବେଠାରୁ ଜମିରେ ସେମାନଙ୍କ ସଂଖ୍ୟା କମିଲା। ବର୍ତ୍ତମାନ ଏସବୁ ବ୍ୟବହାରର କୁପ୍ରଭାବରୁ ମାଟି କ୍ରମେ ଖରାପ ହୋଇ ପଡୁଥିବାରୁ ଓ ଜୈବିକସାରର ଅଭାବ ଦେଖାଯାଉଥିବାରୁ ଏସବୁ ସମାଧାନରେ ଜିଆକୁ ବ୍ୟବହାର କରାଯାଉଅଛି। ଜିଆମାନଙ୍କୁ ଉପଯୋଗ କରି ଅତି ଉନ୍ନତ ମାନର କମ୍ପୋଷ୍ଟ ବା ଜିଆ କମ୍ପୋଷ୍ଟ ତିଆରି କରିବା ସଙ୍ଗେ ସଙ୍ଗେ ଏମାନଙ୍କୁ ଜମିରେ ଛାଡି ମଧ୍ୟ କମ୍ପୋଷ୍ଟ ତିଆରି କରି ହୋଉଛି। ଘର ଭିତରେ ଏହି କମ୍ପୋଷ୍ଟ ତିଆରି ଅତି ସହଜରେ ହୋଇ ପାରୁଥିବାରୁ ଦେଶ ବିଦେଶର ବହୁ ସ୍ଥାନରେ ଏହା କରାଯାଉଅଛି। ଆମ ଦେଶରେ ଏହାର ଲୋକପ୍ରିୟତା ବଢ଼ିଚାଲିଛି। ଅନ୍ୟ ଯେ କୌଣସି ଚାଷଠାରୁ ଏହା ଅତି ସହଜ ଓ ଅନ୍ୟ କାହା ଉପରେ ନିର୍ଭର ନ କରି ଜଣେ ଲୋକ ଅଳ୍ପ ପୁଞ୍ଜି ବିନିଯୋଗ କରି ଜିଆ ଚାଷ କରିପାରିବ ଓ କମ୍ପୋଷ୍ଟ ଉତ୍ପାଦନ କରି ସ୍ୱାବଲମ୍ବୀ ହୋଇପାରିବ।

## ଜିଆଠାରୁ ମିଳୁଥିବା ଉପକାର :

ଜିଆମାନଙ୍କଠାରୁ ମିଳୁଥିବା ଉପକାରକୁ ଦୁଇଟି ପର୍ଯ୍ୟାୟରେ ବିଭକ୍ତ କରାଯାଇଛି। ପ୍ରଥମଟି ହେଲା ଜିଆମାନେ ମାଟିରେ ରହିଲେ ଓ ତାକୁ ପ୍ରକ୍ରିୟାକରଣ କରିବା ଦ୍ୱାରା ଆମକୁ କିକି ଉପକାର ମିଳିଥାଏ। ଦ୍ୱିତୀୟରେ ଯେଉଁ ଜିଆମାନେ କମ୍ପୋଷ୍ଟ ତିଆରି କରନ୍ତି ସେ କମ୍ପୋଷ୍ଟରୁ ଆମେ କେଉଁ ପ୍ରକାର ଲାଭ ପାଇଥାଉ। ମାଟି ଭିତରକୁ ପଶିବା, ଖାଦ୍ୟ ଖାଇବା, ମଳତ୍ୟାଗ କରିବା ଓ ମାଟି ଭିତରେ ଯିବା ଆସିବା କରିବା ଫଳରେ ଆମେ ବିଭିନ୍ନ ସୁବିଧା ପାଇଥାଉ। ଯଥା:

୧. ମାଟିକୁ ଛୋଟ ଛୋଟ କରି ଖାଇବା ଦ୍ୱାରା ବଡ ବଡ ଖଣ୍ଡଗୁଡିକ କ୍ଷୁଦ୍ର ଆକାରର ହୋଇଯିବାରୁ ଏଥିରେ ଥିବା ଖାଦ୍ୟପଦାର୍ଥ ଗଛକୁ ସହଜରେ ଉପଲବ୍ଧ ହୋଇଥାଏ।

୨. ଜିଆର ପେଟ ଭିତରୁ ଅସଂଖ୍ୟ ଅଣୁଜୀବ ଏହାର ମଳ ସହ ବାହାରି ଜୈବିକ ପଦାର୍ଥର ଖତ ହେବା ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଥାନ୍ତି। ଏହି ମଳ ଜୈବସାର ଭଳି କାମ ଦେଇଥାଏ।

୩. ଜିଆମାନେ ଗାଳୁଥିବା ମାଟିରେ ବାହାରର ମାଟି ଅପେକ୍ଷା ୫ ଗୁଣ ଅଧିକ ଯବକ୍ଷାରଜାନ, ୭ ଗୁଣ ଫସ୍‌ଫରସ୍ , ୧୧ ଗୁଣ ପଟାସ, ୨ ଗୁଣ ଚୂନ, ୨ ଗୁଣ ମ୍ୟାଗ୍ନେସିୟମ ରହିବା ସହ ଅନେକ ପ୍ରକାରର ଆମିନୋଅମ୍ଳ, ଭିଟାମିନ ହରମୋନ ଇତ୍ୟାଦି ରହିଥାଏ। ଫଳରେ ମଞ୍ଜିରୁ ଶୀଘ୍ର ଗଜା ହୋଇ ଗଛ ବୃଦ୍ଧି ଦ୍ରୁତ ହୋଇଥାଏ।

୪. ଏବେ ଦେଖାଯାଉଛି ହେକ୍ଟର ପିଛା ଜିଆମାନେ ଗାଳୁଥିବା ମାଟିର ପରିମାଣ ସ୍ଥଳବିଶେଷରେ ଏକ ହଜାର ଟନ୍‌ରୁ ଅଧିକ। ଏତେ ବହୁତ ପରିମାଣର ମାଟିତଳୁ ଉପରକୁ ଆସିବା ଜମିକୁ ଏକପ୍ରକାର ହଳ କରିବା ସହ ସମାନ। ଏହା ଦ୍ୱାରା ମାଟିର ଅମ୍ଳତ୍ୱ କମିବା ସହ ତଳେ ଥିବା ଖାଦ୍ୟ ସାର ଉପରକୁ ଆସି ଗଛର କାମରେ ଲାଗିଥାଏ।

୫. ଆନେସିକ୍ କିସମର ଜିଆ ମାଟିର ବହୁତ ଗଭୀରକୁ ଡାଳପତ୍ର ଭିଡିନିଅନ୍ତି। ସେମାନଙ୍କ ଦ୍ୱାରା ତଳମାଟି ମଧ୍ୟ ଉର୍ବର ହୋଇଥାଏ।

୬. ଜିଆମାନେ ସୁଡଙ୍ଗ ତିଆରି କରିବା ଦ୍ୱାରା ମାଟିର ଜଳଧାରଣ କ୍ଷମତା ବଢ଼ିଥାଏ ଓ ପବନ ଆତଯାତ ଭଲ ହୋଇଥାଏ। ଏହି ସୁଡଙ୍ଗ ବର୍ଷାପାଣିକୁ ବୋହିଯିବାକୁ ନ ଦେବାରୁ ଉଭୟ ଜଳ ଓ ମାଟି ସଂରକ୍ଷଣ ହୋଇଥାଏ।

୭. ଜିଆ ଗାଳୁଥିବା ମାଟିରେ କେତେକ ଅଠାଳିଆ ପଦାର୍ଥ ମିଶି ଥିବାରୁ ଏଗୁଡିକ ପାଣିରେ ସହଜରେ ମିଳାଏ ନାହିଁ। ଫଳରେ ପାଣି ଓ ପବନ ଜନିତ ମୃତ୍ତିକାକ୍ଷୟ କମିଥାଏ।

୮. ଜିଆ ଦେହରେ ୩.୭୫ ପି.ପି.ଏମ୍ ପରିମାଣରେ ଯବକ୍ଷାରଜାନ ରହିଥିବାରୁ ସେମାନେ ମରିଯିବା ପରେ ତାହା ମାଟିକୁ ଉର୍ବର କରିଥାଏ। ଏହା ବ୍ୟତୀତ ସେମାନଙ୍କ ଦେହରେ ଥିବା ଫସ୍‌ଫରସ୍, ପଟାସ୍, ଚୂନ, ଓ ମ୍ୟାଗ୍ନେସିୟମ ଯାହାକି ଯଥାକ୍ରମେ ୭.୪,୩.୮,୨.୯ ଓ ୪.୯ ପି.ପି.ଏମ୍ ଥାଏ ତାହା ମଧ୍ୟ ଗଛକୁ ମିଳିଥାଏ।

୯. ଜିଆ ରହୁଥିବା ଜମିରେ ଫସଲର ଅନିଷ୍ଟକାରୀ ଅଣୁଜୀବ ଓ ସୁତ୍ରଜୀବଙ୍କ ସଂଖ୍ୟା କମିଯାଇଥାଏ। ତେଣୁ ଏମାନେ ପରୋକ୍ଷରେ ଗଛକୁ ବିଭିନ୍ନ ପ୍ରକାର ରୋଗ ପୋକ ଦାଉରୁ ରକ୍ଷା କରିଥାନ୍ତି। ଏମାନେ ମଧ୍ୟ ଉପକାରୀ ଅଣୁଜୀବ ରାଇଜୋବିୟମ ଓ ବି.ଏ.ଏମର ସଂପ୍ରସାରଣରେ ମଧ୍ୟ ସାହାଯ୍ୟ କରିଥାନ୍ତି।

୧୦. ଜିଆଥିବା ଜମିରେ ଅଳ୍ପ ଜଳସେଚନ ଦରକାର ହୋଇଥାଏ କାରଣ ଏମାନେ ତଳ ମାଟିରେ ଥିବା ଜଳକୁ ନିଜ ଖାଦ୍ୟ ସହ ଖାଇ ଉପରକୁ ଛାଡ଼ିବା ବେଳେ ତାହା ଗଛକୁ ମିଳିଥାଏ। ଜିଆ ତା'ଦେହରୁ ସବୁବେଳେ ଜଳୀୟଅଂଶ ବାହାର କରି ନିଜ ରାସ୍ତାକୁ ଓଦା କରି ରଖିଥାଏ। ତେଣୁ ଜିଆମାନେ ଜୈବ ପାଣି ପମ୍ପ ଭଳି କାର୍ଯ୍ୟକରିଥାନ୍ତି।

୧୧. ଜିଆ ଥିବା ଜମିର ମାଟି ହାଲୁକା ଓ ପ୍ରଚୁର ଖାଦ୍ୟସାର ଥିବାରୁ ଏହି ମାଟିରେ ଗଛର ଚେର ଦ୍ରୁତ ବୃଦ୍ଧି ହୋଇଥାଏ। ଜିଆ ଦ୍ୱାରା ତିଆରି ସୁଡଙ୍ଗ ଭିତରେ ମଧ୍ୟ ଗଛର ଚେର ଶୀଘ୍ର ଶୀଘ୍ର ବଢ଼ିଥାଏ।

୧୨. ଜିଆ ଗଳାମାଟି ଦାନାଦାର ଓ ଏଥିରେ ଅଧିକ ଶୂନ୍ୟସ୍ଥାନ ଥିବାରୁ ରାତିରେ ପଡୁଥିବା କାକର ଏହା ଭିତରେ ରହିଯାଇଥାଏ ଯାହାକି ପରବର୍ତ୍ତୀ ଅବସ୍ଥାରେ ଗଛକୁ ମିଳିଥାଏ।

୧୩. ଜିଆରୁ ମିଳୁଥିବା ପୁଷ୍ଟିସାର ମଣିଷ ଜୀବଜନ୍ତୁ (ମାଛ, କୁକୁଡା ଓ ଘୁଷୁରି)ଙ୍କ ପାଇଁ ଖାଦ୍ୟ ଆକାରରେ ବ୍ୟବହାର କରାଯାଇପାରୁଛି। ପ୍ରାପ୍ତ ବୟସ୍କ ଜିଆ ଦେହରେ ପ୍ରାୟ ୭୫% ପାଣି ଓ ଶୁଖିଲା ଜିଆ ଦେହରେ ପ୍ରାୟ ୬୫% ପୁଷ୍ଟିସାରଥାଏ।

୧୪. ଜିଆରୁ ଆଣ୍ଠୁଗଣ୍ଠି ବାତ ଓ ଜଣ୍ଡିସ ପାଇଁ ଔଷଧ ତିଆରି ହେଉଛି।

## ଜିଆ କମ୍ପୋଷ୍ଟର ଉପକାରିତା :

ଏପିଜେଇକ୍ କିମ୍ବା ଏମାନଙ୍କ ସହ ଆନେସିକ ଜିଆମାନଙ୍କୁ ବ୍ୟବହାର କରି ଘର ଭିତରେ କମ୍ପୋଷ୍ଟ ତିଆରି କରାଯାଇଥାଏ। ଏହାକୁ ଭର୍ମିକମ୍ପୋଷ୍ଟ ବୋଲି କୁହାଯାଏ। ସାଧାରଣ କମ୍ପୋଷ୍ଟ ତୁଳନାରେ ଏଥିରୁ ବହୁତ ସୁବିଧା ମିଳିଥାଏ। ଯଥା:

୧. ସାଧାରଣ କମ୍ପୋଷ୍ଟ ତିଆରି କରିବାକୁ ପ୍ରାୟ ୬ ମାସ ଲାଗିଥାଏ। କିନ୍ତୁ ଜିଆକୁ ବ୍ୟବହାର କରିବାଦ୍ୱାରା କମ୍ପୋଷ୍ଟ ପ୍ରାୟ ୧ରୁ୨ ମାସ ଭିତରେ ଖତ ପ୍ରସ୍ତୁତ ହୋଇଯାଏ।

୨. ସାଧାରଣ କମ୍ପୋଷ୍ଟ ଠାରୁ ଏହାର ଗୁଣାତ୍ମକମାନ ଯଥେଷ୍ଟ ଅଧିକ ରହିଥାଏ। ଏହା ଫଳ ଓ ପନିପରିବାର ଗୁଣାତ୍ମକମାନ ଯଥା ଉଜ୍ଜ୍ୱଳ ଦିଶିବା, ବେଶି ଖାଦ୍ୟସାର ରହିବା, ଅଧିକ ସ୍ୱାଦିଷ୍ଟ ହେବା ଓ ବେଶୀଦିନ ପର୍ଯ୍ୟନ୍ତ ତାଜା ରହିବାର କ୍ଷମତା ବୃଦ୍ଧି କରିଥାଏ।

୩. ଏହି କମ୍ପୋଷ୍ଟ ତିଆରି ବେଳେ କୌଣସି ପ୍ରକାର ଦୁର୍ଗନ୍ଧ ବାହାରେ ନାହିଁ। ତେଣୁ ପରିବେଶ ଦୂଷିତ ହେବାର ଆଶଙ୍କା ନଥାଏ। କମ୍ପୋଷ୍ଟ ଗଦାରେ ଜିଆମାନେ ଚଳପ୍ରଚଳ ହେଉଥିବାରୁ ଭିତରକୁ ଅମ୍ଳଜାନ ସହଜରେ ପ୍ରବେଶ କରିପାରେ। ତେଣୁ ଗଦାକୁ ଓଲଟପାଲଟ ନ କଲେ ମଧ୍ୟ ବିଶେଷ ଅସୁବିଧା ହୁଏ ନାହିଁ।

୪. ଜିଆ କମ୍ପୋଷ୍ଟର ପ୍ରୟୋଗ ଦ୍ୱାରା ପତ୍ରର ଆକାର ବଢ଼ିବା ଅଧିକ ଆଲୋକ ସଂଶ୍ଳେଷଣ ହେବା ଠିକ୍ ସମୟରେ ଫୁଲ ଫୁଟିବା ଫଳ ନ ଝଡ଼ିବା ଏବଂ ସର୍ବୋପରି ଅମଳ ବଢ଼ିବା ଇତ୍ୟାଦି ଲାଭ ମିଳିଥାଏ।

୫. ଜିଆ କମ୍ପୋଷ୍ଟ ପାଇଁ ବ୍ୟବହୃତ ପଦାର୍ଥର ମୂଳ ଓଜନର ପ୍ରାୟ ଏକ ତୃତୀୟାଂଶ କମ୍ପୋଷ୍ଟ ଆକାରରେ ମିଳେ, ଯାହା ଅନ୍ୟ ପଦ୍ଧତିରୁ ଯଥେଷ୍ଟ କମ୍। ଏଥିଯୋଗୁଁ କମ୍ କମ୍ପୋଷ୍ଟରୁ ଫସଲ ଆବଶ୍ୟକ ଖାଦ୍ୟସାର ପାଇପାରେ ଓ ପରିବହନ ଖର୍ଚ୍ଚ ମଧ୍ୟ କମ୍ ହୁଏ।

୬. ଜିଆ କମ୍ପୋଷ୍ଟରେ ଯବକ୍ଷାରଜାନ ବିବନ୍ଧନ କରିପାରୁଥିବା ଅଣୁଜୀବ ଆଜୋଟୋ ବ୍ୟାକ୍‌ଟର ଓ ମାଟିରେ ବାନ୍ଧି ହୋଇରହିଥିବା ଫସ୍‌ଫରସ୍‌କୁ ତରଳାଇ ପାରୁଥିବା ଫସଫୋ ବ୍ୟାକ୍‌ଟରମାନେ ରହିଥିବାରୁ ସେମାନେ ସ୍ୱାଧୀନ ଭାବରେ ଜମିର ଉର୍ବରତା ବଢ଼ାଇଥାନ୍ତି।

୭. ଜିଆ କମ୍ପୋଷ୍ଟରେ ରୋଗ ସୃଷ୍ଟିକାରୀ ଅଣୁଜୀବ ଅନ୍ୟ କମ୍ପୋଷ୍ଟ ତୁଳନାରେ କମ ଥାନ୍ତି ବା ଆଦୌ ନଥାନ୍ତି।

୮. ଜିଆ କମ୍ପୋଷ୍ଟ ଗଛର ଖାଦ୍ୟ ଗ୍ରହଣ ପ୍ରକ୍ରିୟାକୁ ଉଦ୍ଦୀପିତ କରିଥାଏ।

୯. ଜିଆ କମ୍ପୋଷ୍ଟ ତିଆରି ସମୟରେ ସେଥିରେ ଅଧିକ ପାଣି ପ୍ରୟୋଗ କରି ଓ ତାକୁ ତଳପଟେ ସଂଗ୍ରହ କରି ଗଛରେ ସିଞ୍ଚନ କଲେ ଗଛ ହୃଷ୍ଟପୁଷ୍ଟ ହେବା ସଙ୍ଗେ ସଙ୍ଗେ ଅଧିକ ଅମଳକ୍ଷମ ହୋଇଥାଏ।

୧୦. ଜିଆର ମଳ ଆକାରରେ ବାହାରି ଆସୁଥିବା ଅଳିଆ ଆବର୍ଜନାର ବିଶେଷ ରାସାୟନିକ ପରିବର୍ତ୍ତନ ହୋଇନଥିଲେ ମଧ୍ୟ ଏଗୁଡିକ ୨ ମାଇକ୍ରନ ବା ଆହୁରି କମ୍ ଆକାରର କ୍ଷୁଦ୍ରକ୍ଷୁଦ୍ର ଖଣ୍ଡରେ ପରିଣତ ହେଉଥିବାରୁ ଓ ଏଥିରେ ବିଭିନ୍ନ ଅଣୁଜୀବ ଓ ରାସାୟନିକ ପଦାର୍ଥ ମିଶି କରି ଥିବାରୁ ଜିଆ କମ୍ପୋଷ୍ଟ ଏକ ଯାଦୁକାରୀ କମ୍ପୋଷ୍ଟ ଭଳି କାର୍ଯ୍ୟକରେ।

୧୧. କମ୍ପୋଷ୍ଟ ତିଆରି ବେଳେ ଜିଆର ବଂଶବୃଦ୍ଧି ମଧ୍ୟ ହୋଇଥାଏ। ସେମାନଙ୍କର ସଂଖ୍ୟା ଦରକାରଠାରୁ ଅଧିକ ହୋଇଗଲେ ସେଗୁଡିକୁ କମ୍ପୋଷ୍ଟ କରିବାକୁ ଚାହୁଁଥିବା ଅନ୍ୟମାନଙ୍କୁ କେଜି ପ୍ରତି ୫୦୦ ଟଙ୍କା ଦରରେ ବିକ୍ରି କରାଯାଇପାରେ କିମ୍ବା ଏଥିରୁ ଔଷଧ ତିଆରି କରୁଥିବା କାରଖାନାକୁ ବିକ୍ରି କରି ପୁଣି ଲାଭବାନ ହୋଇପାରିବେ ଖାଦ୍ୟ ଓ ରକ୍ଷଣାବେକ୍ଷଣ ଉପରେ ଦୃଷ୍ଟି ଦେଲେ ଏମାନଙ୍କ ସଂଖ୍ୟା ବର୍ଷକୁ ୫୦ରୁ ୨୦୦ ଗୁଣ ପର୍ଯ୍ୟନ୍ତ ବଢ଼ିଥାଏ।

## ଜିଆ କମ୍ପୋଷ୍ଟ ତିଆରି :

ଜିଆଙ୍କର ସଂଖ୍ୟା ବଢ଼ିଗଲାପରେ କମ୍ପୋଷ୍ଟ ତିଆରିରେ ସେମାନଙ୍କୁ ବ୍ୟବହାର କରାଯାଇପାରିବ। ଏଥିପାଇଁ ଦୁଇଟି ପଦ୍ଧତି ରହିଛି। ଗୋଟିଏ ହେଲା କୁଣ୍ଡକରି ଓ ଅନ୍ୟଟି ଚଟାଣ ଉପରେ ଶଯ୍ୟା କରି। କୁଣ୍ଡ ପଦ୍ଧତି ସାଧାରଣତଃ ଜିଆ କମ୍ପୋଷ୍ଟ ତିଆରି କରିବା ପାଇଁ ବହୁମାତ୍ରାରେ ବ୍ୟବହୃତ ହୋଇଥାଏ।

## କୁଣ୍ଡ ପଦ୍ଧତି :

୨୦୦୦ ଜିଆଙ୍କ ପାଇଁ ୧ ଘନ ମିଟର ଆକାରର ଗୋଟିଏ କୁଣ୍ଡ ଦରକାର। ଇଟାରେ ଏହିପରି ଗୋଟିଏ କୁଣ୍ଡ ହୋଇଥାଏ। ଏହାର ଭିତରପଟେ ଗୋଟିଏ କଡକୁ ଢ଼ାଲୁ ହୋଇ ଗୋଟିଏ କଣାଥିବା ଦରକାର ଓ ଉପରେ ଚାଳିଆଟିଏ ଥିବା ଦରକାର। ଏହା ଦ୍ୱାରା ଖତ

ଗଦାରୁ ଅଧିକ ପାଣି ସହଜରେ ବାହାରି ଯାଇପାରିବ ଓ ଚାଳ ଯୋଗୁଁ ଖରା କିମ୍ବା ବର୍ଷାପାଣି କୁଣ୍ଡରେ ପଡିବ ନାହିଁ ୨-୩ ଟି କୂଅନନ୍ଦ ବ୍ୟବହାର କରି ମଧ୍ୟ ଏପରି କୁଣ୍ଡଟିଏ କରାଯାଇପାରିବ।

କୁଣ୍ଡର ତଳଭାଗରେ ୨ ଇଞ୍ଚ ବହଳରେ ନଡିଆ କତା କିମ୍ବା ଅଗାଡି କିମ୍ବା ଶୁଖିଲା କଦଳୀ ପତ୍ର (ଯାହାକି ସହଜରେ ପଚିବ ନାହିଁ) ତାକୁ ରଖନ୍ତୁ। ଏହା କୁଣ୍ଡରୁ ଅଧିକ ପାଣି ବାହାରି ଯିବା ପାଇଁ ସାହାଯ୍ୟ କରିବ। ଏସବୁ ବଦଳରେ ପ୍ରଥମେ ୧ରୁ ୨ ଇଞ୍ଚ ଗୋଡି ବା ତା ଉପରେ ୨ରୁ ୩ ଇଞ୍ଚ ନଈବାଲି ଓ ମାଟି ସ୍ତର ସ୍ତର କରି ଦେଲେ ମଧ୍ୟ ଚଳିବ। ଏହାପରେ ପୂର୍ବରୁ କରିଥିବା ୩ ଇଞ୍ଚର ପୁରୁଣା ଖତ ରଖିବା ଦରକାର। ଅବଶ୍ୟ ପୁରୁଣା ଖତ ବଦଳରେ ଶୁଖିଲା ଗୋବର ଗୁଣ୍ଡ, ଗୋବର ଗ୍ୟାସ୍ ପ୍ଲାଣ୍ଟରୁ ବାହାରି ଥିବା ସ୍ଲରି ଏପରିକି ଜିଆ କମ୍ପୋଷ୍ଟ ମଧ୍ୟ ବ୍ୟବହାର କରିହେବ। ଏହି ସବୁ ସ୍ତରକୁ କୁହାଯାଏ ଜିଆର ଶଯ୍ୟା। ଜିଆ ଥିବା ବେଳେ ଉପରପଟୁ କିଛି ଅସୁବିଧା ସୃଷ୍ଟିହେଲେ ଜିଆମାନେ ଏଠାରେ ଆଶ୍ରୟ ନେଇଥାନ୍ତି। ଉଦାହରଣ ସ୍ୱରୂପ ଉପରପଟେ ଥିବା ଅଳିଆ ଯଦି ଠିକ୍ ଭାବରେ ଅଧା ସଢ଼ି ନଥିବ ତେବେ ସେଥିରୁ ଗରମ ବାହାରିବ। ଏହି ଗରମ ୫୦ରୁ ୫୫ ସେଲିସିଅସ ହେଉଥିବାରୁ ତାହା ଜିଆମାନେ ସହି ପାରିବେନି ଓ କିଛି ସମୟ ପାଇଁ ତଳସ୍ତରକୁ ଚାଲିଯିବେ । ଅବଶ୍ୟ ଏପରି ହେବାକୁ ନ ଦେବା ଭଲ। କାରଣ ଏହି ଉତ୍ତାପ ବେଶି ଦିନ ରହିଲେ ଜିଆମାନେ ମରିଯାଇପାରନ୍ତି। ଏପରି ହେବାର ସନ୍ଦେହ ଥିଲେ ତୁରନ୍ତ ଗଦାଟିକୁ ଓଲଟପାଲଟ କରି ଦେବା ଭଲ ଯାହା ଫଳରେ ଭିତରୁ ଗରମ ବାହାରିଯିବ। ବଡବଡ ଫାର୍ମ ମାନଙ୍କରେ ସିଧାସଳଖ ଗଦାରେ ହିଁ ଅଧାପଚା ଯାଉଥିବାରୁ ସେଠାରେ ତାପମାନ ଯନ୍ତ୍ର ବ୍ୟବହାର କରାଯାଇଥାଏ ଓ ଉତ୍ତାପ କମିବା ପରେ ହିଁ ଜିଆଙ୍କୁ ଛଡା ଯାଇଥାଏ। ଏହା ପରେ ତୃତୀୟ ସ୍ତରଟି ହେଲା ଠିକ୍ ଆଗ ପରି ଜିଅନ୍ତା ଜିଆର ସ୍ତର। ଏ ସ୍ତରକୁ ପାଳରେ ଓଦା କରି ତା ଉପରେ ଜିଆ ଗୁଡିକୁ ଛାଡିଦିଆଯାଏ। କିଛି ସମୟ ଅପେକ୍ଷା କଲେ ସେଗୁଡିକ ଭିତରକୁ ଚାଲିଯିବେ। ଯେଉଁମାନେ ଭିତରକୁ ଯିବେ ନାହିଁ ସେଗୁଡିକ ରୋଗୀଣା ହୋଇଥିବେ ନଚେତ୍ ମରି ଯାଇଥିବେ। ତେଣୁ ସେଗୁଡିକୁ ବାହାର କରିଦେବା ଭଲ। ତୃତୀୟ ସ୍ତରଟି ଦ୍ୱିତୀୟ ସ୍ତର ସହ ମିଶିଯିବା ପରେ ତା ଉପରେ ୪ର୍ଥ ସ୍ତର ବା ଖାଦ୍ୟ ସ୍ତରଟି ରଖନ୍ତୁ। ଏହା ହେଉଛି ସେହି ୮ରୁ ୧୦+୧+୧ ଅନୁସାରେ ମିଶିଥିବା ଅଧାସଢ଼ା ଖାଦ୍ୟ। ଏହା ଆପଣ ଏକାଥରେ ରଖି ପାରନ୍ତି କିମ୍ବା ୨ରୁ ୩ ଦିନ ଅନ୍ତରରେ ୫ ରୁ ୬ ଇଞ୍ଚ ବହଳର ଥୋଇପାରନ୍ତି। କୁଣ୍ଡଟି ପୂର୍ଣ୍ଣ ହେବା ପରେ ତା ଉପରେ ଦୁଇ ପରସ୍ତ ପୁରୁଣା ଅଖା କିମ୍ବା ପ୍ରଥମେ କିଛି ଅଧା ସଢ଼ା ପତ୍ର ପକାଇ ତା ଉପରେ ଅଖା ପକାଯାଇପାରେ। ଏହାକୁ ମଧ୍ୟ ମଝିରେ ମଝିରେ ପାଣି ଦେଇ ଓଦାରଖନ୍ତୁ। ମାସକ ପରେ ବାୟୁ ଚଳାଚଳ ପାଇଁ ଓଲଟପାଲଟ କରିଦିଅନ୍ତୁ। ଏପରି କଲେ ଦୁଇମାସ ପରେ କମ୍ପୋଷ୍ଟ ଅମଳ ହୋଇଥାଏ।

## କମ୍ପୋଷ୍ଟ ଅମଳ :

କମ୍ପୋଷ୍ଟ ତିଆରି ସରି ଆସିବା ବେଳକୁ ଏହା ଗାଢ଼ ରଙ୍ଗ ଧାରଣ କରିଥାଏ। ଗଦାର ଉପର ଅଂଶରେ କେବଳ ଜିଆର ମଳ ଦେଖିବାକୁ ମିଳେ ଓ ବହୁତ ସଂଖ୍ୟାରେ ଜିଆ ଉପରକୁ ଉଠିଆସି ଅଖାରେ ଲାଗିଥାନ୍ତି। ଏହା କମ୍ପୋଷ୍ଟ ଅମଳର ଉପଯୁକ୍ତ ସମୟ। ଏହି କମ୍ପୋଷ୍ଟକୁ ଅମଳ କରିବାକୁ ହେଲେ ସେଥିରୁ ଜିଆ ଗୁଡିକୁ ବାହାର କରି ଦେବାକୁ ହେବ। ସେଥିପାଇଁ କମ୍ପୋଷ୍ଟ ଅମଳର ୩-୪ ଦିନ ଆଗରୁ ପାଣି ଦେବା ବନ୍ଦ କରାଯାଏ। ଏହା ଦ୍ୱାରା କମ୍ପୋଷ୍ଟ ସାମାନ୍ୟ ଶୁଖିଯିବ ଓ ବହୁତ ଜିଆ ପାଣି ନ ପାଇ ଆପେ ଆପେ ତଳ ଆଡକୁ ଚାଲିଯିବେ। ଏଥର ଉପରୁ ଉପରୁ କମ୍ପୋଷ୍ଟ ସଂଗ୍ରହ କରି ତାକୁ ଦେଉଳିଆ କରି ଖରାପଡୁଥିବା ସ୍ଥାନରେ ୨ରୁ ୩ ଘଣ୍ଟା ରଖି ଦିଅନ୍ତୁ। ଏହା ଦ୍ୱାରା ଏଥିରେ ରହିଯାଇଥିବା ଜିଆଗୁଡିକ ତଳ ଆଡକୁ ଚାଲିଯିବେ ଓ ମଝି ଅଂଶରେ ପେଣ୍ଡୁ ଆକାରରେ ଏକାଠି ହୋଇଯିବେ ଏବେ ଉପରୁ କମ୍ପୋଷ୍ଟ ସଂଗ୍ରହ କରି ଦୁଇତିନିଦିନ ପାଇଁ ଛାଇରେ ଶୁଖାଇ ଓଜନ କରି ପଲିଥିନ ମୁଣାରେ ବନ୍ଦ କରି ରଖାଯାଏ। ଅବଶ୍ୟ ପ୍ୟାକିଂ କରିବା ପୂର୍ବରୁ ଏହାକୁ ୩ ମି.ମି କିମ୍ବା ୨ ମି.ମି ଜାଲିରେ ଛାଣିଦେବା ଭଲ କାରଣ ଏହାଦ୍ୱାରା କମ୍ପୋଷ୍ଟ ହୋଇନଥିବା ଅଂଶ ଓ ଏଥିରେ ଥିବା ଖୋସାଗୁଡିକୁ ମଧ୍ୟ ଅଲଗା କରିହେବ। ଖୋସାଗୁଡିକୁ ଅଲଗା କଲା ପରେ ତାକୁ ଦୂର ସ୍ଥାନକୁ ଅକ୍ଳେଶରେ ପଠାଯାଇ ପାରିବ। ଖୋସାଗୁଡିକୁ ମାରିଦେବା ପାଇଁ କମ୍ପୋଷ୍ଟକୁ ଖରାରେ ଶୁଖାଇବା ଅନୁଚିତ। କାରଣ ଏହିପରି କରିବା ଦ୍ୱାରା କମ୍ପୋଷ୍ଟର ମାନ କମିଯାଇଥାଏ।

## ଘରୋଇ ଜିଆ କମ୍ପୋଷ୍ଟ ତିଆରି ବିଧି:

୧. ବଗିଚା, ରୋଷେଇଘର, ପରିବାହାଟ ଇତ୍ୟାଦିରୁ ପଚି ନଥିବା ଅଳିଆ ସଂଗ୍ରହ କରନ୍ତୁ।

୨. ଏଗୁଡିକୁ ଖରାରେ ସାମାନ୍ୟ ଶୁଖାଇ ଦିଅନ୍ତୁ।

୩. ଏଗୁଡିକୁ ଛାଇ ସ୍ଥାନରେ ଜମାକରି ଅଳ୍ପ ଗୋବର ମିଶାଇ ଓ ପାଣିଛିଞ୍ଚି ୧୫ଦିନ ରଖନ୍ତୁ।

୪. ୧୫ ଦିନ ପରେ ଗଦା ଭିତରେ ଗରମ କମିନଥିଲେ ଗଦାଟିକୁ ଭାଙ୍ଗି ତଳ ଉପରକରି ଘାଣ୍ଟି ଆଉ ସାତ ଦିନ ରଖନ୍ତୁ ଓ ମଝିରେ ମଝିରେ ପାଣି ଛିଞ୍ଚନ୍ତୁ।

୫. ଗୋବର ସଂଗ୍ରହ କରି ଛାଇରେ ଶୁଖାଇ ଗୁଣ୍ଡ କରି ଦିଅନ୍ତୁ।

୬. ଅନୁମୋଦିତ ପରିମାଣର ଗୋବର ଗୁଣ୍ଡସହ ଅଧାସଢ଼ା ବିଲ ଅଳିଆ, ପରିବା ଚୋପା ଇତ୍ୟାଦି ମିଶାଇ ଜିଆ ଖାଦ୍ୟର ମିଶ୍ରଣ ତିଆରି କରନ୍ତୁ।

୭. ଗୁଣ୍ଡ ବା ଗଦା ପଦ୍ଧତିରେ ଜିଆର ଶଯ୍ୟା ତିଆରି କରି ତାକୁ ଓଦା କରି ସେଥିରେ ଆବଶ୍ୟକ ସଂଖ୍ୟାର ଜିଆ ଛାଡନ୍ତୁ।

୮. ସବା ଉପରେ ଦୁଇ ପରସ୍ତ ଅଖାକୁ ଓଦା କରି ପକାନ୍ତୁ, ମଝିରେ ମଝିରେ ପାଣି ଛିଞ୍ଚନ୍ତୁ।

୯. ୨ମାସ ପରେ କୁଣ୍ଡରୁ କମ୍ପୋଷ୍ଟ ବାହାର କରି ୨-୩ ଘଣ୍ଟା ପାଇଁ ଖରାରେ ରଖନ୍ତୁ।

୧୦. ଉପରୁ ଉପରୁ କମ୍ପୋଷ୍ଟ ସଂଗ୍ରହ କରି ୨-୩ ଦିନ ପାଇଁ ଛାଇରେ ଶୁଖାନ୍ତୁ।

୧୧. କମ୍ପୋଷ୍ଟକୁ ତାର ଜାଲିରେ ଛାଣି ୩୦% ପାଣିଥିବା ଅବସ୍ଥାରେ ପଲିଥିନରେ ରଖନ୍ତୁ।

୧୨. ଜିଆ ସଂଗ୍ରହ କରି ପୁଣି ଜିଆ କମ୍ପୋଷ୍ଟ ତିଆରି ପାଇଁ ବ୍ୟବହାର କରନ୍ତୁ।

## ଜିଆ କମ୍ପୋଷ୍ଟର ବ୍ୟବହାର :

୧. ଜିଆ କମ୍ପୋଷ୍ଟରେ ଅଧିକ ଖାଦ୍ୟ ସାର, ଅଣୁଜୀବ, ହରମୋନ୍ ଓ ଭିଟାମିନ୍ ଇତ୍ୟାଦି ଥିବାରୁ ସାଧାରଣତଃ ୩୦ ଭାଗ ଜିଆ କମ୍ପୋଷ୍ଟ ସହ ୭୦ ଭାଗ ମାଟି (ଆୟତନ ଆକାରରେ) ମିଶାଇ ବ୍ୟବହାର କରାଯାଇଥାଏ।

୨. ଅବଶ୍ୟ ଧାନ ପାଇଁ ଦେଖାଯାଇଛି ଯେ ଏକର ପିଛା ୨ଟନ୍ ଜିଆ କମ୍ପୋଷ୍ଟ ସହ ୨ ଟନ୍ ଗୋବରଖତ ମିଶାଇ ପ୍ରୟୋଗ କରିବା ଦ୍ୱାରା ଓ ପନିପରିବା ପାଇଁ ୨ଟନ ଜିଆ କମ୍ପୋଷ୍ଟ ସହ ୭-୮ଟନ୍ ଗୋବରଖତ ମିଶାଇ ଦେବାଦ୍ୱାରା ଅଧିକ ଅମଳ ମିଳି ପାରୁଛି।

୩. ଧାନ ଫସଲରେ ପିଲସାର ଓ ଗର୍ଭ ସାର ହିସାବରେ ମଧ ୩୦ କିଲୋ ଜିଆ କମ୍ପୋଷ୍ଟ ପ୍ରୟୋଗ କରିଯାଇପାରିବ।

୪. ଫଳ ଗଛ ପାଇଁ ଗଛର ଚାରିପଟେ ଗୋଲାକାରରେ ମାଟି ଖୋଳି କିଛି ଶୁଖିଲା ଗୋବର ଗୁଣ୍ଡ ଓ କିଛି ହାଡଗୁଣ୍ଡ ଦେଇ ତା ଉପରେ ୨ରୁ ୫ କିଲୋଜିଆ କମ୍ପୋଷ୍ଟ ପ୍ରୟୋଗ କଲା ପରେ ମାଟି ଦ୍ୱାରା ଏହାକୁ ଘୋଡାଇ ଦିଆଯାଏ ଓ ଉପରେ ଶୁଖିଲା ଜୈବ ଆଚ୍ଛାଦକ ରଖି ମଝିରେ ମଝିରେ ଅଳ୍ପପାଣି ଦିଆଯାଇଥାଏ।

୫. କୁଣ୍ଡରେ ଲାଗିଥିବା ଗଛ ପାଇଁ ମାସକୁ ଥରେ କରି ମୁଠାଏ ଲେଖାଏଁ ଜିଆ କମ୍ପୋଷ୍ଟ ପ୍ରୟୋଗ କରାଯାଇଥାଏ।

## ଜିଆ ଓ ଜିଆ କମ୍ପୋଷ୍ଟ ବିଷୟରେ ଆଉ କିଛି ଜାଣିବା କଥା:

୧. ପାଣି ବିନା ଜିଆ ବଞ୍ଚିପାରେ ନାହିଁ। ତେଣୁ ପାଣିର ଅଭାବ ହେଲେ ଏହା ପାଣି ଖୋଜି ଖୋଜି ମାଟିର ବହୁତ ଗଭୀରକୁ ଚାଲିଯାଇଥାଏ। ପ୍ରତିକୂଳ ପରିସ୍ଥିତିରେ ଏହା ଦେହରୁ ଶତକଡା ୭୦ ଭାଗ ପର୍ଯ୍ୟନ୍ତ ଜଳ ବାହାର କରି ଦେଇ ନିଜର ଚମକୁ ଓଦା କରି ରଖେ ଓ ବଞ୍ଚିବାକୁ ଚେଷ୍ଟା କରେ।

୨. ଶୀତଦିନେ ଜିଆ ମାଟିର ଗଭୀରକୁ ଯାଇ ଅନୁକୂଳ ପାଗ ଆସିବା ପର୍ଯ୍ୟନ୍ତ ମୁଣ୍ଡାବସ୍ଥାରେ ରହିଥାଏ। ଏହି ସମୟରେ ଜିଆଟି ଗୁଡେଇ ହୋଇ ଗୋଟିଏ ବଲ ପରି ହୋଇଯାଏ ଓ ଚାରିପଟେ ଲାଳର ଗୋଟିଏ ଆସ୍ତରଣ ସୃଷ୍ଟି କରି ତା'ଭିତରେ ରହେ।

୩. ଗଛମୂଳରେ ଓ ଜୀବଜନ୍ତୁଙ୍କ ଦେହରେ ଲାଗିଥିବା ମାଟି ଖତ, କାଦୁଅ ଓ ଜିଆ କମ୍ପୋଷ୍ଟ ମାଧ୍ୟମରେ ଜିଆମାନେ ଗୋଟିଏ ସ୍ଥାନରୁ ଅନ୍ୟସ୍ଥାନକୁ ଅଜାଣତରେ ଚାଲିଯାଇଥାନ୍ତି।

୪. ମାଟିର ଅମ୍ଳତ୍ୱର ମାପ ୪.୫ ରୁ ୫.୭ ଥିବା ଅଞ୍ଚଳରେ ଜିଆମାନେ ଥିବାର ଦେଖା ଯାଉଥିଲେ ମଧ୍ୟ ମଧୁର ମାଟିରେ ଏମାନେ ବେଶି ପରିମାଣରେ ଥାନ୍ତି।

୫. ଜମିରେ ବେଶି ପରିମାଣର କୀଟମରା ଔଷଧ ପ୍ରୟୋଗ କଲେ, ଜିଆମାନେ ମରିଯାଇଥାନ୍ତି। ମାତ୍ର ସାଧାରଣ ମାତ୍ରାରେ ଔଷଧକୁ ଏମାନେ ସହ୍ୟ କରିବାର କ୍ଷମତା ଥିବାର ଦେଖାଯାଏ।

୬. ଜିଆ କମ୍ପୋଷ୍ଟ ଗଦାରୁ ଦୁର୍ଗନ୍ଧ ବାହାରିଲେ ଗଦାରେ ପାଣି ଥାଇପାରେ କିମ୍ବା ଜିଆଗୁଡ଼ିକ ମରିଥାଇପାରନ୍ତି କିମ୍ବା ଜିଆଙ୍କ ତୁଳନାରେ ବହୁ ଅଧିକ ଖାଦ୍ୟ ଦିଆଯାଇଥାଇପାରେ ବୋଲି ତନଖି କରିନେବା ଉଚିତ।

୭. ଜିଆ ଚାଷ ବା ଜିଆ କମ୍ପୋଷ୍ଟ ପାଇଁ ବ୍ୟବହୃତ ଜୈବିକ ଶଯ୍ୟାକୁ ୬ ମାସରେ ଥରେ ବଦଳାଇ ଦେବା ଦରକାର।

୮. କେତେକ ଜିଆଙ୍କ ଦେହରୁ ରାତିରେ ଜୁଳୁଜୁଳିଆ ପୋକ ପରି କିଛି ଆଲୋକ ବାହାରିଥାଏ। ସେମାନଙ୍କର ପିଠିପଟେ ଥିବା କଣାମାନଙ୍କରୁ କେତେକ ରାସାୟନିକ ପଦାର୍ଥ ବାହାରି ଏହା ସୃଷ୍ଟି କରିଥାନ୍ତି। ଏହା ଜିଆଙ୍କୁ ରାତ୍ରିରେ ଶତ୍ରୁଠାରୁ ରକ୍ଷା କରିବାରେ କିମ୍ବା ନିଜ ଜାତିର ଜିଆମାନଙ୍କୁ ଆକୃଷ୍ଟ କରିବା ପାଇଁ ଉଦ୍ଦିଷ୍ଟ ବୋଲି ଅନୁମାନ କରାଯାଏ।

୯. ନୂଆ କରି ଜିଆଚାଷ କରୁଥିଲେ ବର୍ଷାଋତୁରୁ ହିଁ ଆରମ୍ଭ କରନ୍ତୁ କାରଣ ଏହି ଋତୁରେ ସେମାନେ ଅଳ୍ପ ଯତ୍ନ ଆବଶ୍ୟକ କରନ୍ତି ଓ ଏହି ସମୟରେ ଚାରିଆଡେ ଦେଶୀ ଜିଆମାନେ ପ୍ରଚୁର ପରିମାଣରେ ମିଳିଥାନ୍ତି।

୧୦. ଜିଆଙ୍କୁ ମୋଟା କରିବା ପାଇଁ ଚାହୁଁଥିଲେ ସେମାନଙ୍କର ଖାଦ୍ୟରେ କିଛି କୁକୁଡ଼ା ବା ମାଛ ଖାଦ୍ୟ ମିଶାଇ ଦିଅନ୍ତୁ।

୧୧. ଜିଆଥିବା ଟାଙ୍କିରେ ପିମ୍ପୁଡ଼ି ଲାଗିଲେ ଟାଙ୍କି ଚାରିପଟେ କିଛି ଜୈବିକ କୀଟମରା ସିଞ୍ଚନ କରନ୍ତୁ କିମ୍ବା କିଛି ଦେଶୀ ପଦ୍ଧତି ଅବଲମ୍ବନ କରନ୍ତୁ।

୧୨. ସାଧାରଣ ଗୋବର ଗଦା ବା କମ୍ପୋଷ୍ଟ ଗଦାରେ ଜିଆ ଛାଡିବାକୁ ଚାହୁଁଥିଲେ ଉପରେ ଚାଳ ଓ ତଳେ ପାଣି ନିଷ୍କାସନ ପାଇଁ ବ୍ୟବସ୍ଥା କରନ୍ତୁ । ଗୋବର ଓ ଅଳିଆକୁ ସାମାନ୍ୟ ଶୁଖାଇବା ପରେ ଏଥିରେ ପକାନ୍ତୁ ମଝିରେ ମଝିରେ ଓଲଟ ପାଲଟ କରି ଦିଅନ୍ତୁ ଓ ଗୋଟିଏ କଡରେ ଜିଆ ଛାଡନ୍ତୁ।

୧୩. ଘରେ ରହୁଥିବା ଚୁଟିଆ ମୂଷାର ଜିଆ ଅତିପ୍ରିୟ ଖାଦ୍ୟ। ଏମାନଙ୍କ ଠାରୁ ରକ୍ଷା ପାଇବା ପାଇଁ କମ୍ପୋଷ୍ଟ ପାତ୍ରରେ ଓଜନିଆ ଅଖା କିମ୍ବା ତାରଜାଲି ଘୋଡାଇ ରଖନ୍ତୁ।

୧୪. କମ୍ପୋଷ୍ଟ ଗଦାରେ ଅନ୍ୟ କେତେକ ପୋକକୁ ଦେଖି ବିଶେଷ ମନ ଦୁଃଖ କରନ୍ତୁ ନାହିଁ। କାରଣ ସେମାନଙ୍କ ମଧ୍ୟରୁ ଅଧିକାଂଶ କମ୍ପୋଷ୍ଟ ତିଆରିରେ ସାହାଯ୍ୟ କରିଥାନ୍ତି।

## ଲାଭ କ୍ଷତିର ହିସାବ :

ଏକ ଘନ ମିଟରର ଗୋଟିଏ କୁଣ୍ଡରେ ଜିଆ କମ୍ପୋଷ୍ଟ କରିବା ପାଇଁ ଏଠାରେ ଲାଭ କ୍ଷତିର ହିସାବ କରାଯାଇଛି। ଏଥିରେ ବର୍ଷକୁ ଅତି କମ୍ ରେ ୪ ଥର କମ୍ପୋଷ୍ଟ ଅମଳ କରିବା ଅନୁଯାୟୀ ହିସାବ କରାଯାଇଛି। ଅଧିକ କୁଣ୍ଡ ରଖିଲେ ଏହି ହିସାବକୁ କୁଣ୍ଡ ସଂଖ୍ୟାରେ ଗୁଣିବାକୁ ହେବ। କୌଣସି ଚାଷୀ ପରିବାର ଗୋଟିଏ ଦୁଇଟି କୁଣ୍ଡ ରଖି କମ୍ପୋଷ୍ଟ ପ୍ରସ୍ତୁତି କଲେ ଏଠାରେ ଦିଆ ଯାଇଥିବା ଅଧିକାଂଶ ଜିନିଷ ପାଇଁ ଖର୍ଚ୍ଚ କରିବାକୁ ପଡୁନଥିବାରୁ ଲାଭର ପରିମାଣ ଯଥେଷ୍ଟ ଅଧିକ ହୋଇଥାଏ।

| ସ୍ଥାୟୀ ଖର୍ଚ୍ଚ | ଅସ୍ଥାୟୀ ଖର୍ଚ୍ଚ |
|---|---|
| ସିମେଣ୍ଟ କୁଣ୍ଡ – ଟ ୫୦୦/- | ଗୋବର – ଟ ୫୦/- |
| ଡାଳପତ୍ରର ଛାତ –ଟ ୫୦/- | ବିଲଓଳିଆ ଇତ୍ୟାଦି – ଟ ୫୦/- |
| ଜିଆ ୨ କିଲୋ – ଟ ୧୦୦୦/- | ମୂଲ – ଟ ୧୫୦/- |
| ତାର ଜାଲି –ଟ ୨୦୦/- | ଅମଳ ଓ ଅନ୍ୟାନ୍ୟ ଟ୧୦୦/- |
| ମୋଟ ଟ . ୧୭୫୦/- | ମୋଟ – ଟ ୩୫୦/- |

| ଆଦାୟ | |
|---|---|
| ଜିଆ କମ୍ପୋଷ୍ଟ ପରିମାଣ ୪ ଥରରୁ – ୮୦୦ କିଲୋ | |
| କିଲୋପ୍ରତି ଟ ୫/- ହିସାବରେ ମୋଟ ଆୟ | ଟ୪୦୦୦/- |
| ସ୍ଥାୟୀ ଖର୍ଚ୍ଚ ଉପରେ ସୁଧ – | ଟ ୨୬୨/- |
| ଡେପ୍ରିସିଏସନ୍ – | ଟ ୧୭୫/- |
| ମୋଟ ଅସ୍ଥାୟୀ ଖର୍ଚ୍ଚ ୪ ଥର ପାଇଁ – | ଟ୧୪୦୦/- |
| **ବାର୍ଷିକ ଖର୍ଚ୍ଚର ପରିମାଣ –** | **ଟ ୧୮୩୭/-** |
| **ବାର୍ଷିକ ମୋଟ ଲାଭ –** | **ଟ୨୧୬୩/-** |
| ପ୍ରତି ୧ କିଲୋ କମ୍ପୋଷ୍ଟ ତିଆରି ପାଇଁ ଖର୍ଚ୍ଚ | ଟ. ୨.୩୦ |
| ପ୍ରତି ୧ ଟଙ୍କା ଖର୍ଚ୍ଚରୁ ଆଦାୟ – | ଟ ୨.୧୮ |

# ଜିଆ ଚାଷର ବିଭିନ୍ନ ପ୍ରଣାଳୀ











